ଓରିଏଣ୍ଟ ଇଲେକ୍ଟ୍ରୀକାଲ୍‌ର ନୂତନ ବ୍ରାଣ୍ଡ ଉନ୍ମୋଚିତ

ଭୁବନେଶ୍ୱର : ବୈଦ୍ୟୁତିକ ଉପକରଣ ପ୍ରସ୍ତୁତିରେ ଦେଶରେ ଅଗ୍ରଣୀ ସ୍ଥାନ ଅଧିକାର କରିଥିବା ସିକେ ବିର୍ଲା ଗ୍ରୁପର ଏକ ଅଂଶ ଓରିଏଣ୍ଟ ଇଲେକ୍ଟ୍ରୀକାଲ୍ ତରଫରୁ 'ଓରିଏଣ୍ଟ ଇଲେକ୍ଟ୍ରୀକ୍' ନାମକ ନୂତନ ବ୍ରାଣ୍ଡର ଶୁଭାରମ୍ଭ କରାଯାଇଛି । ବହୁ ବର୍ଷରୁ ଭାରତୀୟ ଗ୍ରାହକମାନଙ୍କ ଘରେ ଘରେ ଓରିଏଣ୍ଟ ଫ୍ୟାନ ପରିଚିତ ରହିଛି ଏବେ କମ୍ପାନି ଏହାର କାର୍ଯ୍ୟ ପରିସର ବୃଦ୍ଧି କରି ଆଧୁନିକ ଗ୍ରାହକମାନଙ୍କ ପାଇଁ ସ୍ମାର୍ଟ ସମ୍ପୂର୍ଣ୍ଣ ହୋମ ସଲ୍ୟୁସନ୍ ପ୍ରଡ୍‌କ୍ଟ ଯୋଗାଇବ । ଗ୍ରାହକମାନଙ୍କୁ ଏହାର ପ୍ରଡ୍‌କ୍ଟର ଏକ ଭିନ୍ନ ଅନୁଭବ ପ୍ରଦାନ କରିବା ପାଇଁ କମ୍ପାନି ଏହାର ନୂତନ ବ୍ରାଣ୍ଡର ଶୁଭାରମ୍ଭ କରିଛି ଯାହା ଆଧୁନିକ ପ୍ରଡ୍‌କ୍ଟ, କମ୍ ବଦ୍ୟୁତ ବ୍ୟବହାର କରୁଥିବା ଲାଇଟ୍ ପ୍ରଡ୍‌କ୍ଟ, ଫ୍ୟାନ ଏବଂ ହୋମ ଆପ୍ଲିଆନ୍ସ ପ୍ରସ୍ତୁତ କରିବ । ଏହି ଅବସରରେ ସିକେ ବିର୍ଲା ଗ୍ରୁପର ଚେୟାରମ୍ୟାନ ଶ୍ରୀ ସିକେ ବିର୍ଲା କହିଛନ୍ତି ଯେ, ଓରିଏଣ୍ଟ ଇଲେକ୍ଟ୍ରୀକ ଏକ ପ୍ରଡ୍‌କ୍ଟ କମ୍ପାନିରୁ ଆରମ୍ଭ ହୋଇ ଏବେ ଏହା ଘରର ତଥା ଲୋକମାନଙ୍କ ଜୀବନ ଶୈଳୀ ବଦଳୋଉଥିବା ସଲ୍ୟୁସନର ରୂପ ନେଇଛି । ଉନ୍ନତ ପ୍ରଡ୍‌କ୍ଟ ଗୁଡ଼ିକୁ ପ୍ରସ୍ତୁତ କରି ଏହି ବ୍ରାଣ୍ଡ ନୂତନ ପିଢ଼ିର ଗ୍ରାହକମାନଙ୍କର ଆବଶ୍ୟକତା ଅନୁସାରେ ସେମାନଙ୍କର ଚାହିଦା ପୂରଣ କରିବ । ଆଗକୁ ଦେଶ କିମ୍ବା ବାହାରେ ମଧ୍ୟ ଓରିଏଣ୍ଟ ଇଲେକ୍ଟ୍ରୀକ ନିଜ ବ୍ୟବସାୟ ପରିସର ବୃଦ୍ଧି କରି ବିଶ୍ୱ ଦରବାରରେ ନିଜର ପ୍ରଡ୍‌କ୍ଟ ଯୋଗାଇବ ଯୋଜନା କରିଛି । ଆମର ନୂତନ ପ୍ରସ୍ତୁତ ଓ ଯୋଗାଣ ପ୍ରକ୍ରିୟାରେ ଆମ ଘରୋଇ ପ୍ରସ୍ତୁତି ଏବଂ ଆର୍ ଏଣ୍ଡ ଡିକୁ ନୂତନ ଓ ଉଚ୍ଚ ଦକ୍ଷତା ସମ୍ପନ୍ନ ତଥା ସୁରକ୍ଷିତ ଓ ସ୍ଥାୟିତ୍ୱ ବଜାୟ ରଖଉଥିବା ପ୍ରଡ୍‌କ୍ଟ ପ୍ରସ୍ତୁତ କରି ସହଜ ମାଧ୍ୟମରେ ଗ୍ରାହାକମାନଙ୍କ ପାଖକୁ ପହଞ୍ଚାଇବା ପାଇଁ ତାଗିତ କରାଯାଇଛି ବୋଲି ଓରିଏଣ୍ଟ ଇଲେକ୍ଟ୍ରୀକର ସି.ଇ.ଓ ଶ୍ରୀ ମନୋଜ ବର୍ମା ସୂଚନା ଦେଇଛନ୍ତି । କମ୍ପାନିର ଏହି ନୂତନ ଏବଂ ଏକକ ଯୋଗାଯୋଗ ଅଭିଯାନ 'ସ୍ୱିଚ୍ ଟୁ ସ୍ମାର୍ଟ' ଆଜିର ସ୍ମାର୍ଟ ଗ୍ରାହକମାନଙ୍କର ପସନ୍ଦ ଅନୁଜାୟୀ ଜୀବନ ଶୈଳୀ ଏବଂ ଆବଶ୍ୟକତା ଅନୁଜାୟୀ ସଲ୍ୟୁସନ ପ୍ରଦାନ କରିବ । କମ୍ପାନିର ପୁର୍ନବିନ୍ୟାସ ଷ୍ଟ୍ରାଟେଜି ଅନୁଜାୟୀ ଓରିଏଣ୍ଟ ଇଲେକ୍ଟ୍ରୀକ ନିକଟରେ କମ୍ପାନିର ନୂତନ ଲୋଗୋ ଶୁଭାରମ୍ଭ କରିଛି ଯେଉଁଥିରେ ରହିଥିବା କମଳା ରଙ୍ଗ ନୂତନ ଓ ସୃଜନ ଶୀଳ ଚିନ୍ତାଧାରାକୁ ସୂଚାଉଛି । ଏହା ସହିତ ଟିଭିରେ ବିଜ୍ଞାପନ ମାଧ୍ୟମରେ କମ୍ପାନି ଏହାର ପ୍ରଡ୍‌କ୍ଟ ପୋର୍ଟଫୋଲିଓକୁ ଗ୍ରାହକମାନଙ୍କ ପାଖକୁ ପହଞ୍ଚାଇ ପାରିଛି ।